## ସଂକ୍ଷେପରେ

### ୩ଦିନ ଧରି ଜଙ୍ଗଲରେ ପଡ଼ି ରହିଥିବା ବୃଦ୍ଧ ଉଦ୍ଧାର

ଦେବଗଡ,୨୯।୭(ଡି.ଏନ୍.ଏ.) ଦେବଗଡ ଥାନା ଅଧିନ କୁଡାନାଲି ଗ୍ରାମ ଜଙ୍ଗଲରେ ପଡିରହିଥିବା ଜଣେ ଅଜଣା ବୃଦ୍ଧଙ୍କୁ ବୁଧବାର ଉଦ୍ଧାର କରାଯାଇଛି । ବୃଦ୍ଧ ଜଣକ ୩ ଦିନ ଧରି ଉକ୍ତ ଜଙ୍ଗଲରେ ନଖାଇ ନପିଇ ଅସହାୟଭାବେ ପଡି ରହିଥିଲେ। ବୁଧବାର ସକାଳେ କେତେକ ଗାଈଚରାଳୀ ତାଙ୍କୁ ଦେଖିବା ପରେ ଘଟଣା ସାମନାକୁ ଆସିଥିଲା। ସେମାନେ ବୃଦ୍ଧଙ୍କୁ ତାଙ୍କ ପରିଚୟ ପଚାରିଥିଲେ ହେଁ ଦୁର୍ବଳ ହୋଇ ଯାଇଥିବାରୁ ସେ କୌଣସି ଉତ୍ତର ଦେଇ ପାରି ନ ଥିଲେ । ତେବେ କରୋନା ଆଶଙ୍କାରେ ତାଙ୍କ ନିକଟକୁ ସେମାନେ ନ ଯାଇ ଏକ ଲାଠି ସାହାଯ୍ୟରେ କିଛି ଖାଦ୍ୟ ଏବଂ ପାଣି ଦେଇଥିଲେ। ତେବେ ପ୍ରଶାସନ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଛି।

### ସୁସ୍ଥ କରୋନା ରୋଗୀଙ୍କ ହାତରେ ସ୍ୱାବ୍ ସଂଗ୍ରହ ଭ୍ୟାନ୍ ଉଦ୍‌ଘାଟନ

ସମ୍ବଲପୁର,୨୯।୭(ବ୍ୟୁରୋ) ସମ୍ବଲପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ସ୍ୱାବ୍ ସଂଗ୍ରହ କରିବାକୁ ଜିଲା ପ୍ରଶାସନ ଗୁରତ୍ୱ ଦେଉଛି । ଜିଲାପାଳଙ୍କ ଅଫିସ ପରିସରରୁ ୨ଟି ସ୍ୱାବ୍ ସଂଗ୍ରହ ଭ୍ୟାନ୍‌କୁ ବୁଧବାର ଉଦ୍‌ଘାଟନ କରାଯାଇଛି। ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ଉପସ୍ଥିତିରେ କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିବା ୨ ଜଣ ଯୁବତୀ ସବୁଜ ପତାକା ଦେଖାଇ ଏହି ଭ୍ୟାନ୍‌ର ଶୁଭାରମ୍ଭ କରିଥିଲେ।

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ସୁନ୍ଦରଗଡ,୨୯।୭(ଡି.ଏନ୍.ଏ.) ସୁନ୍ଦରଗଡ ଜିଲାର ବିକାଶରେ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ରହିଛି। ସେହିଭଳି କରୋନା ଆକ୍ରାନ୍ତଙ୍କ ଚିକିତ୍ସାରେ ପ୍ରଶାସନିକ ଅଧିକାରୀଙ୍କ ପରିଚାଳନାଗତ ତ୍ରୁଟି ଦେଖା ଦେଉଛି। ଏଭଳି ଅଭିଯୋଗ କରି ବୁଧବାର ଜିଲା ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୁନ୍ଦରଗଡ ସାଂଗଠନିକ ଜିଲା ଭାଜପା ସଭାପତି ତଥା ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଓ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।

### ଗଜପତି ଏଡିଏମ୍‌ଙ୍କ ବିୟୋଗରେ ଶୋକ

ନୂଆପଡ଼ା,୨୯।୭- ଗଜପତି ଜିଲା ଅତିରିକ୍ତ ଜିଲାପାଳ କରୁଣାକର ରାଇକାଙ୍କ ଗତ ୨୧ତାରିଖରେ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଛି। ଜିଲାପାଳ ମଧୁସ୍ମିତା ସାହୁ ଏଥିରେ ଅଧକ୍ଷତା କରିଥିଲେ। ଏହି ଶୋକ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟମାଧବ ପାଣିଗ୍ରାହୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଉପଜିଲାପାଳ ତରଣୀସେନ ନାଏକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆପଡ଼ା ତହସିଲଦାର ଦେବେନ୍ଦ୍ର ରାଉତ, କୋମନା ତହସିଲଦାର ପୂର୍ଣ୍ଣାନନ୍ଦ ପଟେଲ, ସିନାପାଲୀ ତହସିଲ୍‌ଦାର ଲୋକନାଥ ଶବର, ବୋଡେନ୍ ତହସିଲଦାର ରାଜେଶ ମେହେର, ଖଡ଼ିଆଳ ତହସିଲଦାର ସିନ୍ଧୁସୁତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାନୀଚୁଆଁ, ଯେଉଁଠି ପୁରୁଷଙ୍କ ସ୍ନାନ ମନା

ବରଗଡ଼ ଅଫିସ୍/ଭଟଲି, ୨୯।୭(ଡି.ଏନ.ଏ)

ବରଗଡ଼ ସହରଠାରୁ ପ୍ରାୟ ୪୫ କି.ମି ଦୂର ଐତିହାସିକ ବାରପାହାଡ଼ ମଧ୍ୟସ୍ଥ ଦେବ୍ରୀଆଁ ସଂରକ୍ଷିତ ଜଙ୍ଗଲର ଏକ ସୁରମ୍ୟ ଏବଂ ପ୍ରାକୃତିକ ସମ୍ଭାର ଭିତରେ ରହିଛି ରାନୀଚୁଆଁ। ସେଠାକୁ ପହଞ୍ଚିବାକୁ ହେଲେ ଅମ୍ବାଭୋନା ବ୍ଲକର ଡୁଙ୍ଗୁରି ରାସ୍ତାରୁ ଉଭୟ ଦେବ୍ରୀଆଁ ଏବଂ କୁସମୁଦା ଦେଇ ଯିବାକୁ ପଡ଼େ । ମୁନିଋଷିମାନଙ୍କ ରହଣିସ୍ଥଳୀ ଭାବେ ରାନୀଚୁଆଁ ବେଶ୍ ପରିଚିତ। ଲୋକକଥା ଅନୁଯାୟୀ, ପୂର୍ବକାଳରେ ସମ୍ବଲପୁରର ରାଣୀ ଓ ରାଜା ବନବିହାର ପାଇଁ ରାନୀଚୁଆଁକୁ ଆସୁଥିଲେ। ସେଠାରେ ରାଜାଚୁଆଁ ଏବଂ ରାନୀଚୁଆଁ ଭାବେ ଦୁଇଟି ଚୁଆଁ ରହିଛି ଏବଂ ସେଠାରେ ଜଳସ୍ରୋତ ଦେଖିବାକୁ ମିଳିଥାଏ। ଲୋକଙ୍କ ବିଶ୍ୱାସ ରହିଛି, ରାନୀଚୁଆଁରେ ପୁରୁଷମାନେ ସ୍ନାନ କରନ୍ତି ନାହିଁ। ରାନୀଚୁଆଁ ଅଲଗା ହୋଇ ରହିଥିବାରୁ ତାର ସ୍ୱାତନ୍ତ୍ର୍ୟ ରହିଛି। ଚତୁର୍ଦ୍ଦିଗରେ ପୂରି ରହିଛି ସବୁଜ ବନାନୀ। ସେଠାରେ ରହିଥିବା ପଥର ଚଟାଣ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରେ । ଭୀମ ମଡୁଆ, ଝୋଟି, ଭୈରୋ ବାବା ଗୁମ୍ଫା ମଧ୍ୟ ସେଠାରେ ରହିଛି । ଏହି ଗୁମ୍ଫା ମଧ୍ୟରେ ଏବେ ମଧ୍ୟ ମୁନିଋଷିମାନେ ରହି ତପସ୍ୟାରତ ଥିବା ଲୋକେ କୁହନ୍ତି । ବହୁବର୍ଷ ପୂର୍ବେ କୁସମୁଦା ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଋଷିମାନଙ୍କ ସ୍ୱପ୍ନାଦେଶ କ୍ରମେ ପ୍ରତିବର୍ଷ ଦୁଇଥର ପୂଜା କରିବାକୁ ଯାଉଥିଲେ । ଗିରି ଗୋବର୍ଦ୍ଧନ ପୂଜା ଏବଂ ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଏହି ପୂଜା ପାଳନ କରୁଥିଲେ । ପୂର୍ଣ୍ଣଚନ୍ଦ୍ରଙ୍କ ଦେହାନ୍ତ ପରେ ତାଙ୍କ ପୁତ୍ର କେଶବ ଏବଂ ଭାଇମାନେ ପୂଜା କରି ଆସୁଛନ୍ତି । ଏହି ଉଭୟ ଦିନରେ ବହୁ ଭକ୍ତଙ୍କ ସମାଗମ ହୋଇଥାଏ । ସେହିପରି ଗ୍ରୀଷ୍ମ, ଶୀତ ହେଉ ଅବା ବର୍ଷା, ପ୍ରତି ଋତୁରେ ଏଠାକୁ ଲୋକେ ବଣଭୋଜିରେ ଆସୁଥିବା ଦେଖିବାକୁ ମିଳେ । ଏଭଳି ପ୍ରାକୃତିକ ବୈଭବ, ଐତିହାସିକ ଗୁମ୍ଫା, ପ୍ରାଚୀନତାକୁ ବଞ୍ଚାଇ ରଖିଥିବା ସ୍ଥଳୀ ଏପର୍ଯ୍ୟନ୍ତ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇନାହିଁ ।

ଏ ନେଇ କୁସମୁଦାର ଦୁଃଖନାଶନ ପ୍ରଧାନ କୁହନ୍ତି,ପ୍ରତିବର୍ଷ ଗିରି ଗୋବର୍ଦ୍ଧନ ପୂଜା ଏବଂ ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଏଠାରେ ଭକ୍ତଙ୍କ ସମାଗମ ହୋଇଥାଏ । ଏହି ପୀଠର ସ୍ୱାତନ୍ତ୍ର୍ୟ ରହିଛି । ରାନୀଚୁଆଁ ପର୍ଯ୍ୟଟନସ୍ଥଳୀ ଭାବେ ଯେତେ ଖ୍ୟାତି ଅର୍ଜନ କରିଛି, ଋଷିମାନଙ୍କ ପୀଠ ଭାବେ ଏହା ଅଧିକ ପରିଚିତ । ତଥାପି ତାର ପ୍ରାକୃତିକ ରୂପକୁ ଉପଲବ୍ଧି କରି ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାର ଆବଶ୍ୟକତା ରହିଛି । ସେହି ଗାଁର ଟଙ୍କଧର ସାହୁଙ୍କ ମତରେ ବାରପାହାଡ଼ ଅନ୍ତର୍ଗତ ଦେବ୍ରୀଆଁ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି ରାନୀଚୁଆଁ ଗୁମ୍ଫା। ଏହି ଗୁମ୍ଫା ଆମ ଅଞ୍ଚଳର ତଥା ରାଜ୍ୟ ପାଇଁ ନିଆରା। ଏଭଳି ଗୁମ୍ଫା ନିଶ୍ଚିତ ଭାବେ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବା କଥା। ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ଏହାର ବିକାଶ ପ୍ରତି ପଦକ୍ଷେପ ନିଅନ୍ତୁ । ଭଟଲିର ଦେବାଶିଷ ମିଶ୍ର କୁହନ୍ତି,

ବାରପାହାଡ଼ ମଧ୍ୟରେ ଅନେକ ଜଳପ୍ରପାତ ରହିଛି। ମାତ୍ର ରାନୀଚୁଆଁର ସ୍ୱାତନ୍ତ୍ର୍ୟ ରହିଛି। ଏହି ସ୍ଥାନକୁ ଗଲା ପରେ ବିଦେଶର କୌଣସି ପର୍ଯ୍ୟଟନସ୍ଥଳୀର ଅନୁଭବ ପରିଲକ୍ଷିତ ହୋଇଥାଏ । ଜଙ୍ଗଲ ମଧ୍ୟରେ ପଥର ଚଟାଣ, ଗୁମ୍ଫା ଏବଂ ଜଳପ୍ରପାତର ମଜା ନିଆରା। ଏଭଳି ଏକ ପର୍ଯ୍ୟଟନସ୍ଥଳୀ ଲୋକଲୋଚନକୁ ଆଣିବାର ଆବଶ୍ୟକତା ରହିଛି ।

(ଉପସ୍ଥାପନା: **ପ୍ରେମାନନ୍ଦ ଖମାରୀ, ସହାୟତା: ସଞ୍ଜୀବ ଷଡ଼ଙ୍ଗୀ**)


ବାରପାହାଡ଼ରେ ରହିଥିବା ରାନୀଚୁଆଁ ।

# ପଞ୍ଚାୟତ ଅଫିସ ଗେଟ୍‌ରେ ବାଡ଼ ପକାଇ ଧାରଣା


ଗ୍ରାମବାସୀ ଅଫିସ ଗେଟ୍ ସମ୍ମୁଖରେ ବାଡା ଦେଇ ଧାରଣା ଦେଇଛନ୍ତି।

ଲୋଇସିଂହା,୨୯।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତରେ ବିନା କାମରେ ବିଲ୍ ଉଠାଣ କରାଯାଇଥିବା ନେଇ ଗ୍ରାମବାସୀ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରି ଘଟଣାର ତଦନ୍ତ ଦାବି କରିଥିଲେ। ନଅଦିନ ବିତିଯାଇଥିଲେ ସୁଦ୍ଧା ତଦନ୍ତରେ କି ଅଗ୍ରଗତି ହୋଇଛି ତାହା ଗ୍ରାମବାସୀଙ୍କୁ ଅବଗତ କରାଯାଇ ନ ଥିବା ଅଭିଯୋଗ କରି ବୁଧବାର ପଞ୍ଚାୟତ ଅଫିସ ଗେଟ ସମ୍ମୁଖରେ କଣ୍ଟାବାଡ ପକାଇ ଧାରଣା ଦେଇଛନ୍ତି। ପୂର୍ବାହ୍ନ ୯ଟାରୁ ଗ୍ରାମବାସୀ ଧାରଣାକୁ ଓହ୍ଲାଇଥିଲେ। ସନ୍ଧ୍ୟା ୫ଟା ଯାଏ ଧାରଣା ଚାଲିଥିଲେ ହେଁ ଘଟଣାସ୍ଥଳକୁ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନର କୌଣସି ଅଧିକାରୀ ଆସି ନ ଥିଲେ । ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ପଟେଲ ଧାରଣସ୍ଥଳକୁ ଆସି ଗ୍ରାମବାସୀଙ୍କୁ ବୁଝସୁଝା କରିଥିଲେ। ହେଲେ ଏଥିରୁ କୌଣସି ସୁଫଳ ମିଳି ନ ଥିଲା। ପରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ଆନ୍ଦୋଳନକାରୀଙ୍କ ପାଖରେ ପହଞ୍ଚି ଉନ୍ନୟନ କାମରେ ଅନିୟମିତତା କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଧାରଣାରେ ୱାର୍ଡସଭ୍ୟ ସଦାନନ୍ଦ ବେହେରା, ସୀତା ମାଝି, ଅଜାମିଲ ସେଠ, ଲାଲମନ ନାଗ, ରବି ମାଝି, ଦାମୋଦର ପଧାନ, ବିପିନ ବେହେରାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ । ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ନାକଟୀଦେଉଳ ବ୍ଲକରେ ୧୭୦ ଆକ୍ଟିଭ ସର୍ଭେଲାନ୍ସ ଟିମ୍

ନାକଟୀଦେଉଳ,୨୯।୭(ଡି.ଏନ.ଏ.)

କରୋନା ସଂକ୍ରମଣର ମୁକାବିଲା ଲାଗି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର ୧୪ଟି ପଞ୍ଚାୟତରେ ୧୭୦ସର୍ଭେଲାନ୍ସ ଟିମ୍ ନିୟୋଜିତ ହୋଇଛନ୍ତି। ଏଥିରେ ବ୍ଲକର ସମସ୍ତ ଅଙ୍ଗନୱାଡ଼ି, ଆଶାକର୍ମୀ ଏବଂ ଶିକ୍ଷକମାନେ ସମ୍ପୃକ୍ତ ରହିଛନ୍ତି। ସେହିପରି ଏସବୁକୁ ଡାକ୍ତରଖାନା କର୍ମଚାରୀ, କୋଭିଡ୍ ଏଏନ୍‌ଏମ୍, ଶିକ୍ଷକ ଏବଂ ବ୍ଲକ କର୍ମଚାରୀମାନଙ୍କର ୬ଟି ଟିମ୍ ସୁପରଭିଜନ କରୁଛି। ସର୍ଭେଲାନ୍ସ ଟିମ୍ ଘରକୁ ଘର ଯାଇ ପରିବାର ସଦସ୍ୟଙ୍କ ସ୍ୱାସ୍ଥାବସ୍ଥା ବୁଝୁଛନ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କ ଶ୍ୱାସ, ଥଣ୍ଡା, ଜ୍ୱର, କାଶ ସମ୍ବନ୍ଧୀୟ ଲକ୍ଷଣ, ରକ୍ତଚାପ, ଡାଇବେଟିସ ଏବଂ ହୃଦ୍‌ରୋଗ ସମସ୍ୟା ସମ୍ପର୍କରେ ସର୍ଭେ କରୁଛନ୍ତି । ଏହି ସର୍ଭେରେ କୌଣସି ବ୍ୟକ୍ତିଙ୍କର କିଛି ଲକ୍ଷଣ ଦେଖାଦେଲେ କୋଭିଡ୍ ନିୟମ ଅନୁସାରେ ସେମାନଙ୍କ ତଥ୍ୟ ପ୍ରଶାସନକୁ ରିପୋର୍ଟ କରାଯାଉଛି। ଏଥିସହିତ ସେମାନଙ୍କୁ ସମ୍ପୃକ୍ତ ପଞ୍ଚାୟତରେ ଖୋଲା ଯାଇଥିବା କୋଭିଡ୍ କେୟାର ସେଣ୍ଟରକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସର୍ଭେ ସମୟରେ ଆଜି ପର୍ଯ୍ୟନ୍ତ ୮୬ଜଣଙ୍କର ଥଣ୍ଡା, କାଶ ଆଦି ଲକ୍ଷଣ ଦେଖାଯିବା ପରେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଛି। ଇତିମଧ୍ୟରେ କିସିଣ୍ଡା କୋଭିଡ୍ କେୟାର ସେଣ୍ଟରଠାରେ ପ୍ରଥମ କରି ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାବ୍ ସଂଗ୍ରହ ଆରମ୍ଭ କରାଯାଇଛି। ଅଦ୍ୟାବଧି ଏହି ବ୍ଲକରେ ୧୦ ଜଣଙ୍କଠାରେ କରୋନା ପଜିଟିଭ ବାହାରିଛି। ସେଥିମଧ୍ୟରୁ ପୂର୍ବରୁ ୯ଜଣ ସୁସ୍ଥ ହୋଇଥିବା ବେଳେ ବୁଧବାର ଆଉ ଜଣେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କରୋନାରୁ ସୁସ୍ଥ ହୋଇ ଫେରିଥିବା ରୋଗୀମାନେ ପ୍ଲାଜ୍‌ମା ଦାନ କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅନୁରୋଧ କରାଯାଇଛି।

# ଠାକୁରାଣୀପଡା,ମେଣ୍ଡା ନାଏକପଡା କଣ୍ଟେନ୍‌ମେଣ୍ଟ ଜୋନ୍

ସୋନପୁର,୨୯।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ବୁଧବାର ଆଉ ୩କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ପ୍ରଶାସନ ସଂକ୍ରମଣ ରୋକିବା ପାଇଁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରୁଥିଲେ ମଧ୍ୟ ତାହା ଯଥେଷ୍ଟ ହେଉନାହିଁ। ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ପଞ୍ଚାୟତ ସାନପହଣ୍ଡି ଗାଁ ଏବେ ହଟ୍‌ସ୍ପଟ୍‌ରେ ପରିଣତ ହୋଇଛି। ଜିଲାପାଳ ମୋନିଷା ବାନାର୍ଜୀ ଗତ ୨୧ ତାରିଖରୁ ଗାଁକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଗାଁକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ସିଲ୍ ହୋଇଛି। ଗାଁରୁ ୧୪ ଜଣ କରୋନା ରୋଗୀ ଚିହ୍ନଟ ହେଲେଣି । ବୁଧବାର ଜଣେ ୧୭ ବର୍ଷର ବାଳକଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ସେହିପରି ସୁବର୍ଣ୍ଣପୁର ସହର ଠାକୁରାଣୀପଡାର ଜଣେ ୨୩ ବର୍ଷୀୟ ମହିଳାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ମହିଳାଙ୍କ ସ୍ୱାମୀ ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ସିକ୍ୟୁରିଟି ଗାର୍ଡ । ସେ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ନିକଟରୁ ସଂକ୍ରମିତ ହୋଇ ମଙ୍ଗଳବାରଠାରୁ ଜିଲା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଏହି ପଡାରେ ୬୪ଟି ପରିବାର ରହୁଛନ୍ତି । ଲୋକସଂଖ୍ୟା ୨୮୮। ସଂକ୍ରମଣକୁ ରୋକିବା ପାଇଁ ଜିଲାପାଳ ବାନାର୍ଜୀ ଠାକୁରାଣୀପଡାକୁ ୧୦ ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି । ସେହିପରି ତରଭା ବ୍ଲକ ମେଣ୍ଡା ପଞ୍ଚାୟତ ନାଏକପଡାର ୨୩ବର୍ଷୀୟ ଯୁବକଙ୍କ ରିପୋର୍ଟ ପଜିଟିଭ୍ ଆସିଛି । ଏହିପଡାରେ ୯୦ଟିପରିବାରର ମୋଟ ୪୦୦ଲୋକ ରହୁଛନ୍ତି । ଗୋଷ୍ଠୀ ସଂକ୍ରମଣକୁ ରୋକିବା ପାଇଁ ଜିଲାପାଳ ଏହି ପଡାକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ରାପିଡ୍ ଆଣ୍ଟିଜେନ୍ ଟେଷ୍ଟରୁ ସମସ୍ତ ରିପୋର୍ଟ ପଜିଟିଭ୍ ଆସିଛି। ପୂର୍ବରୁ ଉଲୁଣ୍ଡା ବ୍ଲକ ରକ୍ସା ପଞ୍ଚାୟତ କୁହ୍ଲିଆକାନୀକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି ।

# ୪ ଶହ ଛୁଇଁଲା ସଂକ୍ରମିତ ସଂଖ୍ୟା

ବଲାଙ୍ଗୀର ଅଫିସ, ୨୯।୭

- ୪ ଦିନ ପାଇଁ ବଲାଙ୍ଗୀର ଶଟ୍‌ଡାଉନ୍
- ୭ ଦିନରେ ଶହେ ସଂକ୍ରମିତ ଚିହ୍ନଟ

ବଲାଙ୍ଗୀର ଜିଲାରେ କରୋନା ସଂକ୍ରମଣ ଦ୍ରୁତ ବୃଦ୍ଧିକୁ ରୋକିବା ଲକ୍ଷ୍ୟରେ ଜିଲା ପ୍ରଶାସନ ୪ ଦିନିଆ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଆସନ୍ତା ୩୧ ତାରିଖରୁ ୩ ଅଗଷ୍ଟ ପର୍ଯ୍ୟନ୍ତ ଜିଲା ୪ ଦିନିଆ ଶଟ୍‌ଡାଉନ୍‌ରେ ରହିବ। ଏ ନେଇ ଜିଲାପାଳ ଅରିନ୍ଦମ ଡାକୁଆ ବୁଧବାର ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହି ସମୟରେ ଜିଲାରେ ସମସ୍ତ ପ୍ରକାର ଯାତ୍ରୀବାହୀ ଓ ଘରୋଇ ଯାନବାହନ ଚଳାଚଳ, ଦୋକାନ ବଜାର ବନ୍ଦ ରହିବ। ଏହା ସହିତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସର୍ବସାଧାରଣ ଯାତାୟାତ ବନ୍ଦ କରାଯାଇଛି। ଜିଲାରେ ଏହି ସମୟରେ କୌଣସି ସମାବେଶ ତଥା ଭିଡ କରା ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସଟ୍‌ଡାଉନ୍‌ରୁ ସମସ୍ତ ମେଡିକାଲ ସଂସ୍ଥା ତଥା ଡାକ୍ତରଖାନା, କ୍ଲିନିକ୍, ନର୍ସିଂହୋମ୍, ମେଡିସିନ୍ ଷ୍ଟୋର ଓ ଆମ୍ବୁଲାନ୍ସ ଚଳାଚଳକୁ ବାଦ୍ ଦିଆଯାଇଛି। ଜିଲା ଜରୁରୀ ଅଫିସ, ମ୍ୟୁନିସିପାଲିଟି, ପୋଲିସ ଓ ଅଗ୍ନିଶମ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି। ଜରୁରୀ କାର୍ଯ୍ୟରେ ନିୟୋଜିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀ, ଟେଲିକମ୍ ସେବା, ପେଟ୍ରୋଲ ପମ୍ପ, ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ, ପାନୀୟ ଜଳ ଯୋଗାଣ, ପରିମଳ, ସଫେଇ କର୍ମୀ, ବିଜୁଳି ସେବା, ଅତ୍ୟାବଶ୍ୟକ ଯୋଗାଣ କରୁଥିବା ମାଲବାହୀ ଗାଡି, ଶିଳ୍ପ କାରଖାନାକୁ ମଧ୍ୟ ଶଟ୍‌ଡାଉନ୍‌ରୁ ବାଦ୍ ଦିଆଯାଇଛି। ଶଟ୍‌ଡାଉନ୍ ପୂର୍ବରୁ ଲୋକଙ୍କ ସୁବିଧା ପାଇଁ ଗୁରୁବାର ଗୋଟିଏ ଦିନ ପାଇଁ ମାର୍କେଟ ଖୋଲା ରହିବ ବୋଲି ଜଣାପଡିଛି । ଜିଲାରେ ଦ୍ରୁତ କରୋନା ସଂକ୍ରମଣ ବୃଦ୍ଧି ଲକ୍ଷଣକୁ ଦେଖିବା ପରେ ଜିଲା ପ୍ରଶାସନ ଏହାକୁ ରୋକିବା ପାଇଁ ଏହି ସାନି ଘୋଷଣା କରିଛନ୍ତି।

ମିଳିଥିବା ରିପୋର୍ଟ ଅନୁସାରେ ଗତ ମେ ୧ ତାରିଖ ଦିନ ବଲାଙ୍ଗୀର ଜିଲାରୁ ପ୍ରଥମେ ଦୁଇଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। କରୋନା ସଂକ୍ରମିତଙ୍କ ସଂଖ୍ୟା ୧ ଶହରେ ପହଞ୍ଚିବାକୁ ପ୍ରାୟ ୧ ମାସ ସମୟ ଲାଗିଥିଲା । ଜୁନ୍ ୨ ତାରିଖ ଦିନ ଜିଲାର କରୋନା ସଂକ୍ରମଣ ସଂଖ୍ୟା ୧୦୨ରେ ପହଞ୍ଚିଥିଲା । ଏହାପରେ ଦ୍ୱିଶତକରେ ପହଞ୍ଚିବାକୁ ଆହୁରି ୧ ମାସ ସମୟ ଲାଗିଥିଲା । ଜୁଲାଇ ୨ ତାରିଖ ଦିନ ଜିଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ଦୁଇଶହ ଟପି ୨୧୩ରେ ପହଞ୍ଚିଥିଲା। ଏହାର ମାତ୍ର ୨୨ ଦିନ ପରେ ଅର୍ଥାତ ଜୁଲାଇ ୨୩ ତାରିଖ ଦିନ ଜିଲାର କରୋନା ସଂକ୍ରମିତଙ୍କ ସଂଖ୍ୟାରେ ୩୦୪ରେ ପହଞ୍ଚିଥିଲା । ଏହାପରେ ମାତ୍ର ୭ ଦିନ ମଧ୍ୟରେ ଆହୁରି ଶହେ ସଂକ୍ରମିତ ଚିହ୍ନଟ ହୋଇ ଜୁଲାଇ ୨୯ ତାରିଖ ଦିନ ଏହା ୪ ଶହକୁ ପହଞ୍ଚିଛି ।

# ଜିଲାପାଳଙ୍କ ଅଫିସ ବାରଣ୍ଡାରେ ହେଲା ବୈଠକ

ଝାରସୁଗୁଡ଼ା ଅଫିସ,୨୯।୭

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ବୁଧବାର ଜିଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କୃଷକଙ୍କ ନାମ ପଞ୍ଜୀକରଣ ଓ ନବୀକରଣ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଜିଲା ଯୋଗାଣ ଅଧିକାରୀ ଉଦିତ ନାରାୟଣ ପଟ୍ଟନାୟକ, ଏସିଏସ୍‌ଓ ରଘୁନାଥ ପାତ୍ର, ଆସିଷ୍ଟାଣ୍ଟ ପ୍ରୋଗ୍ରାମର ସାମୁଏଲ ସୋନା, ଏଆର୍‌ସିଏସ୍ ରଶ୍ମିଲତା ବେହେରା ଓ ଆଇସିଏସ୍ ଆନନ୍ଦ କୁମାର ସୋରେଙ୍ଗଙ୍କ ସମେତ ଲଖନପୁର, କିରମିରା, କୋଲାବିରା, ଝାରସୁଗୁଡ଼ା ଓ ଲଇକେରା ବ୍ଲକର ପ୍ୟାକ୍ସ ସୋସାଇଟି ସେକ୍ରେଟାରି ଓ ଡିଇଓମାନେ ଉପସ୍ଥିତ ଥିଲେ। ଅଫିସ ଗୃହ ସାନିଟାଇଜ ହେଉଥିବାରୁ ବାରଣ୍ଡାରେ ଏହି ବୈଠକ କରାଯାଉଥିବା ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି ।

# ଡାକ୍ତର ପଦବୀ ପୂରଣ ଦାବିରେ ଧାରଣା

ବରଗଡ଼ ଅଫିସ୍,୨୯।୭

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ସମେତ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ଦାବିରେ ବୁଧବାର ଭାଜପା ପକ୍ଷରୁ ସ୍ଥାନୀୟ ଗାନ୍ଧୀଚକରେ ଧାରଣା ଦିଆଯାଇଥିଲା। ଜିଲାରେ ଡାକ୍ତର ପଦବୀ ଖାଲିପଡ଼ି ଥିବାବେଳେ ରାଜ୍ୟ ସରକାର ନିକଟରେ ଜିଲାର ୩ଜଣ ଡାକ୍ତରଙ୍କୁ ଅନ୍ୟତ୍ର ବଦଳି କରିବା ଘଟଣାର ପ୍ରତିବାଦ କରାଯାଇଥିଲା । ଏହା ସହିତ ଭୀମସାର୍, ବୁର୍ଲାରେ ସ୍ୱାବ୍ ପରୀକ୍ଷା କରାଯିବା, ଜିଲାର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ରାପିଡ୍ ଆଣ୍ଟିଜେନ ଟେଷ୍ଟ କରିବା, ସଂକ୍ରମିତ ଅଞ୍ଚଳକୁ ସମ୍ପୂର୍ଣ୍ଣ ସାନିଟାଇଜ କରିବା, ଜିଲାର ବରଗଡ଼ ଓ ପଦ୍ମପୁର ଉପଖଣ୍ଡରେ ପୃଥକଭାବେ ଦୁଇଟି ସ୍ୱାବ୍ ସଂଗ୍ରହ କେନ୍ଦ୍ର ଖୋଲାଯାଇ ନିୟମିତ ପରୀକ୍ଷା କରିବାକୁ ଦାବି ହୋଇଥିଲା। ଏହି ଦାବି ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବରଗଡ଼ ଏମପି ସୁରେଶ ପୂଜାରୀ, ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ସୁରେଶ୍ୱର ଶତପଥୀ, ଡା. ଅରୂପାନନ୍ଦ ସାହୁ, ସୁଶାନ୍ତ ମିଶ୍ର, ସନତ ଗଡ଼ତିଆ, ଇରାସିସ୍ ଆଚାଯର୍‌ୟ ପ୍ରମୁଖ ଧାରଣାରେ ସାମିଲ ଥିଲେ।


ଧାରଣାସ୍ଥଳୀରେ ବରଗଡ଼ ଉପଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

# ବର୍ଷାହେଲେ ଦୁଃଖ ବଢ଼େ

କର୍ଲାମୁଣ୍ଡା, ୨୯।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତ କେନ୍ଦୁମୁଣ୍ଡି ଗାଁର ବାବେଯୋର ପଡାକୁ ନାହିଁ ସ୍ଥାୟୀ ରାସ୍ତା। ବ୍ଲକ ସଦର ମହକୁମାଠାରୁ ୮ କିମି ଓ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୫ କିମି ଦୂରରେ ଅବସ୍ଥିତ ଏହି ପଡାରେ ୩୫ ପରିବାର ବାସ କରନ୍ତି। ରାସ୍ତା ନ ଥିବାରୁ ପଡାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବିଶେଷ କରି ବର୍ଷା ଆସିଲେ ଏମାନଙ୍କ ଦୁଃଖ ବଢିଯାଏ। ପଡାଠାରୁ ୧ କିମି ଦୂରରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ଶିଶୁମାନଙ୍କ ଯିବା ପାଇଁ ଅସମ୍ଭବ ହୋଇପଡେ। ପିଲାମାନେ ସ୍କୁଲ ଯାଇ ପାରନ୍ତି ନାହିଁ। ୨୦୧୫-୧୬ ମସିହାରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ରାସ୍ତା ନିର୍ମାଣ ପାଇଁ ମାଟିକାମ ହୋଇଥିଲା। ହେଲେ ମୋରମ ମେଟାଲ କାମ ହୋଇ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତା ଅବସ୍ଥା ବେହାଲ ହୋଇଯାଉଛି। ଗାଡିମୋଟର ଯିବା ଦୂରର କଥା ଚାଲି କରି ଯିବା କଷ୍ଟକର ହୋଇଯାଏ । ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ ହେଁ ଆମ କଥା କେହି ଶୁଣୁ ନାହାନ୍ତି ବୋଲି ଗାଁର ପୀତାମ୍ବର ବାଗ କହିଛନ୍ତି। ବର୍ଷା ସମୟରେ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପାଇଁ ଏହି ରାସ୍ତା ବିପଦ ସୃଷ୍ଟି କରୁଥିବା କହିଛନ୍ତି ଆଶାକର୍ମୀ ବଲ୍ଲବୀ ବାଗ। ସରପଞ୍ଚ ମହେନ୍ଦ୍ର ରଣାଙ୍କୁ ସମସ୍ୟା ସମ୍ପର୍କରେ ପଚାରିବାରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇ ଡିଆରଡିଏଙ୍କୁ ଦିଆଯାଇଛି। ପ୍ରକଳ୍ପ ଅନୁମୋଦନ ହେଲେ ରାସ୍ତା କାମ ଆରମ୍ଭ ହେବ ବୋଲି କହିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।


ବର୍ଷାପରେ ବାବେଯୋର ଗାଁ ରାସ୍ତାରେ ପାଣି ଜମି କର୍ଦ୍ଦମାକ୍ତ ହୋଇଛି।

# ସମ୍ବଲପୁର ଜୋନ୍‌ରେ ୧୪୭ ଜଣ ଏ-୧

ସମ୍ବଲପୁର,୨୯।୭(ବ୍ୟୁରୋ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍‌ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ସମ୍ବଲପୁର ଜୋନ୍‌ରେ ଥିବା ୯ଟି ଜିଲାର ପାସ୍ ହାରରେ ବରଗଡ ଜିଲା ଆଗରେ ରହିଥିବାବେଳେ ନୂଆପଡା ଜିଲା ପଛରେ ରହିଛି।

ବରଗଡ ଜିଲାରେ ମୋଟ ୧୬ ହଜାର ୮୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରୁ ୧୪ ହଜାର ୩୭୨ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୬୧ ଜଣ ଏ-୧ ଗ୍ରେଡ୍‌ରେ ରହିଛନ୍ତି। ପାସ ହାର ୮୯.୩୭ ପ୍ରତିଶତ ରହିଛି। ଜୋନର ଦ୍ୱିତୀୟ ସ୍ଥାନରେ ରହିଥିବା ସୁନ୍ଦରଗଡ ଜିଲାର ୨୩ ହଜାର ୮୧ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୯ ହଜାର ୮ ଶହ ୧୫ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୯ ଜଣ ଏ-୧ ଗ୍ରେଡ୍‌ରେ ରହିଥିବା ବେଳେ ପାସ୍ ହାର ୮୫.୮୫ ପ୍ରତିଶତ ରହିଛି। ତୃତୀୟ ସ୍ଥାନରେ ସମ୍ବଲପୁର ଜିଲା ରହିଛି। ଜିଲାରେ ୧୦ ହଜାର ୯୨୭ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮ହଜାର ୭୯୩ ଜଣ ପାସ୍ କରିଥିବା ବେଳେ ୧୮ ଜଣ ଏ-୧ ରଖିଛନ୍ତି। ପାସ୍ ହାର ୮୦.୪୭ ପ୍ରତିଶତ ରହିଛି। ସେହିପରି ଦେବଗଡ ଜିଲାରେ ୪ହଜାର ୩୯୩ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩ ହଜାର ୫୨୪ ଜଣ ପାସ୍ କରିଛନ୍ତି। ୨ ଜଣ ଏ-୧ ଗ୍ରେଡ୍ ରଖିଥିବା ବେଳେ ପାସ ହାର ୮୦.୨୨ ପ୍ରତିଶତ ରହିଛି। ଝାରସୁଗୁଡା ଜିଲାର ୬ ହଜାର ୪୦୩ ଜଣଙ୍କ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪ ହଜାର ୯୪୩ ଜଣ ପାସ୍ କରିଛନ୍ତି। ଜିଲାରେ ମୋଟ ୨ ଏ-୧ ଗ୍ରେଡ୍ ରହିଥିବା ବେଳେ ୭୭.୦୨ ପ୍ରତିଶତ ପାସ୍ ହାର ରହିଛି। ସୋନପୁର ଜିଲାରେ ୮ ହଜାର ୨୨ ଜଣ ଛାତ୍ରୀଛତ୍ରୀଙ୍କ ମଧ୍ୟରୁ ୫ ହଜାର ୯୦୬ ଜଣ ପାସ୍ କରିଛନ୍ତି। ୧୮ ଜଣ ଏ-୧ ଗ୍ରେଡ୍ ରଖିଥିବାବେଳେ ୭୩.୬୨ ପ୍ରତିଶତ ପାସ୍ ହାର ରହିଛି। ବଲାଙ୍ଗୀର ଜିଲାରେ ୨୨ ହଜାର ୫୫୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୬ ହଜାର ୩୬୭ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ଜଣ ଏ-୧ ଗ୍ରେଡ୍ ରଖିଛନ୍ତି। ଜିଲାରେ ପାସ୍ ହାର ୭୨.୫୬ ପ୍ରତିଶତ ରହିଛି। କଳାହାଣ୍ଡି ଜିଲାରେ ୧୯ ହଜାର ୭ ଶହ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୩ ହଜାର ୩୬୪ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଏ-୧ ଜଣେ ଏ-୧ ଗ୍ରେଡ୍ ରଖିଥିବାବେଳେ ପାସ୍ ହାର ୭୦.୩୧ ପ୍ରତିଶତ ରହିଛି। ସେହିପରି ନୂଆପଡା ଜିଲାର ୯ ହଜାର ୨୪୨ ଜଣ ଛାତୀଛାତ୍ରଙ୍କ ମଧ୍ୟରୁ ୫ ହଜାର ୫୬୨ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଏ-୧ ଗ୍ରେଡ୍ ରଖିଥିବାବେଳେ ଜିଲାର ମୋଟ୍ ପାସ୍ ହାର ୬୦.୧୮ ପ୍ରତିଶତ ରହିଛି।

ସୂଚନାଯୋଗ୍ୟ, ମାଧ୍ୟମିକ ଶିକ୍ଷା ପରିଷଦ ସମ୍ବଲପୁର ଆଞ୍ଚଳିକ ଶାଖାରେ ୯ଟି ଜିଲାର ମୋଟ ୧ ଲକ୍ଷ ୧୯ ହଜାର ୭୧୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୯୨ ହଜାର ୬୪୬ ଜଣ ଛାତ୍ରୀଛାତ୍ର କୃତୀତ୍ୱ ହାସଲ କରିଛନ୍ତି। ୧୪୭ ଜଣ ଏ-୧ ଗ୍ରେଡ୍ ହାସଲ କରିଛନ୍ତି ବୋଲି ସମ୍ବଲପୁର ଆଞ୍ଚଳିକ ଶାଖା ଡେପୁଟି ସେକ୍ରେଟାରୀ ସୂର୍ଯ୍ୟମଣି ମାଝି ସୂଚନା ଦେଇଛନ୍ତି।



ସମ୍ବଲପୁର ଜିଲା ଟପ୍ପର ହର୍ଷିତା ଦେହୁରୀଙ୍କୁ ମିଠା ଖୁଆଇ ସ୍ୱାଗତ କରାଯାଉଛି।

## ରେକର୍ଡ ସୃଷ୍ଟି କଲା ବରଗଡ଼

**୮୯.୩୭% ଛାତ୍ରୀଛାତ୍ର ପାସ୍**

ବରଗଡ଼ ଅଫିସ୍,୨୯।୭

ବୁଧବାର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ) ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ବରଗଡ଼ ଜିଲା ଚଳିତ ବର୍ଷ ରେକର୍ଡ଼ ସୃଷ୍ଟି କରିଛି। ରାଜ୍ୟରେ ପାସ୍ ହାର ୭୮.୭୬ ପ୍ରତିଶତ ରହିଛି। ବରଗଡ଼ ଜିଲାରେ ସର୍ବାଧିକ ୮୯.୩୬ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଫଳରେ ବରଗଡ଼ ଜିଲା ପାସହାରରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ସୂଚନା ଅନୁଯାୟୀ, ବରଗଡ଼ ଜିଲାର ୧୬ ହଜାର ୮୨ଜଣ ଛାତ୍ରୀଛାତ୍ର ଏଥର ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଏ-୧ରେ ୬୧, ଏ-୨ରେ ୨୯୫, ବି-୧ରେ ୬୦୯, ବି-୨ରେ ୧୧୭୨, ସି ଗ୍ରେଡ୍‌ରେ ୧୯୭୦, ଡି ଗ୍ରେଡ୍‌ରେ ୩୩୭୫ ଏବଂ ଇ ଗ୍ରେଡ୍‌ରେ ୬୮୯୦ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୬୯୫ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବିକା, ଅଭିଭାବକଙ୍କୁ ଏହି ସଫଳତାର ଶ୍ରେୟ ଦେଇଛନ୍ତି। ସମସ୍ତଙ୍କ ମିଳିତ ଉଦ୍ୟମ, ପ୍ରଚେଷ୍ଟା ଯୋଗୁ ଜିଲାରେ ପରୀକ୍ଷା ଫଳ ଏଭଳି ଭଲ ହୋଇ ପାରିଛି। ଆଗାମୀ ଦିନରେ ମଧ୍ୟ ଏଭଳି ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ପାଇଁ ଉଦ୍ୟମ ଜାରି ରଖିବାକୁ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

## ଝାରସୁଗୁଡ଼ା ଜିଲାରେ ପାସ୍ ହାର କମିଲା

ଝାରସୁଗୁଡ଼ା ଅଫିସ,୨୯।୭

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ଜିଲାର ୩୮ ପରୀକ୍ଷା କେନ୍ଦ୍ରରେ ୧୧୭ ସ୍କୁଲର ୬୪୦୩ ଜଣ ପରୀକ୍ଷାଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୯୪୩ ଜଣ ପାସ୍ କରିଛନ୍ତି। ଜିଲାରେ ପାସ୍ ହାର ୭୭.୨୦ ପ୍ରତିଶତ ରହିଛି। ଗତବର୍ଷ ପାସ୍ ହାର (୮୫.୪୮)ରେ ଝାରସୁଗୁଡ଼ା ଜିଲା ୧ନମ୍ବର ସ୍ଥାନ ଅଧିକାର କରିଥିଲା। ଚଳିତବର୍ଷ ଏ-୧ ଗ୍ରେଡ୍‌ରେ ୨ ଜଣ, ଏ-୨ ଗ୍ରେଡ୍‌ରେ ୫୪ ଜଣ, ଗ୍ରେଡ୍ ବି-୧ରେ ୧୬୭ ଜଣ, ବି-୨ରେ ୩୩୫ ଜଣ, ସି ଗ୍ରେଡ୍‌ରେ ୬୦୯ ଜଣ, ଡି ଗ୍ରେଡ୍‌ରେ୧୦୯୮ ଜଣ, ଇ ଗ୍ରେଡ୍‌ରେ ୨୬୭୮ ଛାତ୍ରୀଛାତ୍ର ପାସ୍ କରିଛନ୍ତି।

## ସୁବର୍ଣ୍ଣପୁର ଜିଲା: ପାସ୍ ହାର ୭୩.୬୨%

ସୋନପୁର,୨୯।୭(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ପାସ୍ ହାର ୭୩.୬୨% ରହିଛି। ଜିଲାର ମୋଟ ୧୨୬ଟି ଉଚ୍ଚ ବିଦ୍ୟାଳୟର ୮୦୨୨ ଛାତ୍ରୀଛାତ୍ର ୪୭ଟି କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୭୯୬୬ ଜଣ ପରୀକ୍ଷାର୍ଥୀଙ୍କର ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ତନ୍ମଧ୍ୟରୁ ୫୯୦୬ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ୫୬ ଜଣ ପରୀକ୍ଷାର୍ଥୀ କପି କରି ମାଲ ପ୍ରାକ୍ଟିସ୍‌ରେ ବୁକ୍ ହୋଇଥିବା ଯୋଗୁ ସେମାନଙ୍କ ପରୀକ୍ଷା ଫଳ ପ୍ରକାଶିତ ହୋଇନାହିଁ।

ପ୍ରକାଶିତ ପରୀକ୍ଷା ଫଳ ଅନୁସାରେ, ଜିଲାରେ ୧୮ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଛନ୍ତି। ସେହିପରି ଏ-୨ ଗ୍ରେଡ୍ ୧୦୬ଜଣ, ବି-୧ ୨୩୦ଜଣ, ବି-୨ ୩୭୮ଜଣ, ସି-୬୩୫ଜଣ, ଡି-୧୧୪୫ଜଣ, ଇ-୩୩୯୪ଜଣ ଓ ଏଫ୍ ଗ୍ରେଡ୍ ୨୦୬୦ ପରୀକ୍ଷାର୍ଥୀଙ୍କୁ ମିଳିଛି। ପୂର୍ବବର୍ଷଗୁଡିକ ଭଳି ଚଳିତ ଥର ମଧ୍ୟ ବେସରକାରୀ ସ୍କୁଲର ଛାତ୍ରୀଛାତ୍ର ବାଜି ମାରି ନେଇଛନ୍ତି। ଏ-୧ ଗ୍ରେଡ୍ ପାଇଥିବା ସମସ୍ତ ୧୮ ଜଣ ବେସରକାରୀ ବିଦ୍ୟାଳୟର। ସୋନପୁର ସାହାରା ଟ୍ରଷ୍ଟ ଆବାସିକ ହାଇସ୍କୁଲର ସର୍ବାଧିକ ୧୩ ଜଣ ଛାତ୍ରୀଛାତ୍ର ଏ ଗ୍ରେଡ୍ ପାଇଥିବା ବେଳେ ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨ ଜଣ ଛାତ୍ରୀ, ସୋନପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ, ରାମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ସୋନପୁର ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ଜଣେ ଲେଖାଏ ଛାତ୍ର ଏ-ଗ୍ରେଡ୍ ପାଇଛନ୍ତି। ସାହାରା ଟ୍ରଷ୍ଟ ଆବାସିକ ହାଇସ୍କୁଲର ଛାତ୍ର ଦୀପକ ମେହେର ଜିଲାର ଟପ୍ପର ହୋଇଛନ୍ତି। ଦୀପକ ମୋଟ ୬୦୦ ନମ୍ବରରୁ ୫୫୬ ନମ୍ବର ରଖିଛନ୍ତି। ସେହିପରି ଏ-୧ ଗ୍ରେଡ୍ ପାଇଥିବା ଅନ୍ୟ ପରୀକ୍ଷାର୍ଥୀ ହେଲେ ସାହାରା ଟ୍ରଷ୍ଟ ହାଇସ୍କୁଲର ଛାତ୍ରୀ ଇତିଶ୍ରୀ ଦନାୟକ(୫୫୧), ଇପ୍‌ସିତା ମିଶ୍ର(୫୫୧), ରାମ ଶଙ୍କର ମହାକୁର(୫୪୯), ବବୁଲୁ ମେହେର(୫୪୭), ଶିବକାନ୍ତି ପାଣିଗ୍ରାହୀ(୫୪୭), ଦେବାଶିଷ ଆଚାର୍ଯ୍ୟ(୫୪୬), ସିମ୍ପୁଲ ପଧାନ(୫୪୫), ସ୍ୱାଗତ ରଞ୍ଜନ ସାହୁ(୫୪୩), ନିଜାମ କୁମାର ପୁଟେଲ(୫୪୧), ଅଙ୍କିତ କୁମାର ନାଏକ(୫୪୦), ଚନ୍ଦନ ମେହେର(୫୪୦), ରାଜ କଠାର(୫୪୦), ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ସମୀକ୍ଷା ମନହିରା(୫୪୩), ଦୀପାଞ୍ଜଳି ପାତ୍ର(୫୪୦), ରାମପୁର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ନହୁସ ବଡପଣ୍ଡା(୫୪୦), ସୋନପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ର ଅମନ କର୍ଣ୍ଣ (୫୪୦) ଓ ସୋନପୁର ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ଛାତ୍ର ଆଲୋକ କୁମାର ସାହୁ ୫୪୦ ନମ୍ବର ରଖିଛନ୍ତି।

## 'ବିରୋଧୀଙ୍କ ସ୍ୱରକୁ ଚାପିଦେବାକୁ ଉଦ୍ୟମ ହେଉଛି'



ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଜୟନାରାୟଣ ମିଶ୍ର ଓ ଅନ୍ୟମାନେ।

**ଭାଜପା ନେତା ଲୋକନାଥ ପ୍ରଧାନ ହତ୍ୟା ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବି**

ସମ୍ବଲପୁର,୨୯।୭(ବ୍ୟୁରୋ)

ସମ୍ବଲପୁର ଜିଲା ସମେତ ସମଗ୍ର ରାଜ୍ୟରେ କୋଭିଡ୍ ପରିଚାଳନାରେ ବ୍ୟାପକ ଦୁର୍ନୀତି ହୋଇଛି। ସରକାର ସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ଜିଲାରେ ସ୍ୱାସ୍ଥ୍ୟସେବା ଭୁଷୁଡି ପଡିଛି। ସଫେଇ, ସାନିଟାଇଜ କରାଯାଉନାହିଁ। ସ୍ୱାସ୍ଥ୍ୟସେବାରେ ଅବହେଳା ଯୋଗୁ ବରେଇପାଲି ଅଞ୍ଚଳରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ସମଗ୍ର ଜିଲାରେ ଏଭଳି ସ୍ଥିତି ଓ ଦୁର୍ନୀତି ଲାଗି ରହିଛି। ଏହାକୁ ବିରୋଧ କିମ୍ବା ଅଭିଯୋଗ କଲେ ସରକାର ପୋଲିସ ଲଗାଇ ବିରୋଧୀଙ୍କ ସ୍ୱରକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ହେଲେ ଭାଜପା ଭୟଭୀତ ହେବ ନାହିଁ। ଜନସାଧାରଣଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଲଢେଇ ଜାରି ରଖିବ ବୋଲି ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର କହିଛନ୍ତି। କଚେରୀ ରୋଡସ୍ଥିତ ଭାଜପା କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ବିଧାୟକ ମିଶ୍ର ସରକାରଙ୍କ ବିଭିନ୍ନ ଅବହେଳା ଉପରେ ବର୍ଷିଛନ୍ତି।

ସେହିପରି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବି ନାଏକ କହିଛନ୍ତି, ରାଜନୈତିକ ଷଡଯନ୍ତ୍ର କରି ବୌଦ୍ଧ ଜିଲା କଣ୍ଟାମାଲ ଖାମନ ମୁଣ୍ଡା ସିଆଲଝୁଲି ଗ୍ରାମର ଭାଜପା କର୍ମୀ ଲୋକନାଥ ପ୍ରଧାନଙ୍କୁ ହତ୍ୟା କରାଯାଇଛି। ସ୍ଥାନୀୟ ୨ ଜନପ୍ରତିନିଧିଙ୍କ ପୁଅ ଏହି ଘଟଣାରେ ସାମିଲ ଅଛନ୍ତି। ପୂର୍ବରୁ ଅନେକ ଥର ସେମାନେ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଗତ ନିର୍ବାଚନରେ ସମିତି ସଭ୍ୟ ଭାବେ ନିର୍ବାଚନ ଲଢି ଲୋକନାଥ ପରାଜିତ ହୋଇଥିଲେ। ହେଲେ ତାଙ୍କର ଲୋକପ୍ରିୟତା ବଢି ଯାଇଥିଲା। ଏହାକୁ ଭୟ କରି ତାଙ୍କୁ ହତ୍ୟା କରାଯାଇଛି। ପୋଲିସ ଏହି ହତ୍ୟାକାଣ୍ଡରେ ୩ ଜଣଙ୍କୁ ଗିରଫ କରିଛି। ହେଲେ ସେମାନେ ମୁଖ୍ୟ ଅଭିଯୁକ୍ତ ନୁହଁନ୍ତି। ପୋଲିସ ଚାପରେ ମାମଲାକୁ ଚପାଇ ଦେବାକୁ ଉଦ୍ୟମ କରୁଛି। ଲୋକନାଥଙ୍କ ବାପା ଜଗଦୀଶ ଥାନାକୁ ଅଭିଯୋଗ କରିବାକୁ ଗଲେ ପୋଲିସ ଗାଳିଗୁଲଜ କରି ଫେରାଇ ଦେଉଛି। ତେଣୁ ଏହି ଘଟଣା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ମିଡିଆ ପ୍ରଭାରୀ ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ବଲାଙ୍ଗୀର ଜିଲାର ପାସ୍ ହାର ୭୨.୫୬ ପ୍ରତିଶତ

**ବଲାଙ୍ଗୀର ଅଫିସ, ୨୯।୭:** ବଲାଙ୍ଗୀର ଜିଲାର ମାଟ୍ରିକ୍ ପରୀକ୍ଷା ପାସ୍ ହାର ୭୨.୫୬ ପ୍ରତିଶତ ରହିଛି। ଚଳିତବର୍ଷ ଜିଲାର ୩୬୪ ହାଇସ୍କୁଲର ୨୨,୫୫୫ ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୧୬,୩୬୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୪ ଜଣ ଏ-ୱାନ୍, ୧୨୫ ଜଣ ଏ-ଟୁ, ୨୯୯ ଜଣ ବି-ୱାନ୍, ୭୨୧ ଜଣ ବି-ଟୁ, ୧୩୯୮ ଜଣ ସି ଗ୍ରେଡ୍, ୩୦୭୧ ଡି ଗ୍ରେଡ୍ ଓ ୧୦ ହଜାର ୭୩୯ ଜଣ ଇ- ଗ୍ରେଡ୍ ପାଇଛନ୍ତି। ଜିଲାର ୬୧୩୨ ଜଣ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ଏ-ୱାନ୍ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଥିବା ୧୪ ଜଣଙ୍କ ମଧ୍ୟରୁ ୯ ଜଣ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ରହିଛନ୍ତି। ଜିଲାର ବଲାଙ୍ଗୀର କଦମପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଅମନ ନାଏକ ୫୬୩ ମାର୍କ ଆଣିଛନ୍ତି। ସେହିପରି ସଇଁତଲା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ପ୍ରଶାନ୍ତ ରଣା ୫୫୯ , ଟିଟିଲାଗଡ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଓମ୍ ପ୍ରକାଶ ପୃଷ୍ଟି ୫୫୭, ପାଟଣାଗଡ ସରସ୍ୱତୀ ଶିଶୁମନ୍ଦିର ଛାତ୍ର ବେଦବ୍ୟାସ ମେହେର ୫୫୫, କଦମପଡା ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଦୁର୍ଗେଶ ଖଟୁଆ ୫୪୮, ପାଟଣାଗଡ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ସୁଜଳ କୁମାର ସାହୁ ୫୪୫ , ସିନ୍‌ଖମନ୍ ମହନ୍ତ ଗିରିଧାରୀ ହାଇସ୍କୁଲ ଛାତ୍ରସୁଜିତ ରଞ୍ଜନ ଦୁବେ ୫୪୧, ବଲାଙ୍ଗୀର କଦମପଡା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଲିପ୍‌ସାରାଣୀ ବାବୁ, ଭବେଶ କୁମାର ପ୍ରଧାନ ଓ ଆକାଂକ୍ଷା ରାଉତ୍ ତିନି ଜଣ ୫୪୦, ସିନ୍‌ଖମନ୍ ମହନ୍ତ ଗରିଧାରୀ ହାଇସ୍କୁଲ ଛାତ୍ରୀ ପୂଜା ପ୍ରିୟଦର୍ଶନୀ ସାହୁ, ପଟୁଆପାଲି ବିପିଏଚ୍‌ଏସ୍ ଛାତ୍ରୀ ସ୍ମୃତିରେଖା ମିଶ୍ର ଓ ତମିଆଁ ହାଇସ୍କୁଲ ଛାତ୍ରୀ ତୋଳେଶ୍ୱରୀ ମେହେର ୫୪୦ ମାର୍କ ରଖିଥିବା ସୂଚନା ଦିଆଯାଇଛି। ତେବେ ୧୪ ଜଣ ଏ-ୱାନ୍ ଗ୍ରେଡ୍ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଜଣଙ୍କର ସୂଚନା ମିଳିପାରି ନାହିଁ।

## ଦେବଗଡ଼ ଜିଲାର ୮୦.୨୨% ପାସ୍

**ଦେବଗଡ଼,୨୯।୭(ଡ଼ି.ଏନ୍.ଏ.):** ଦେବଗଡ଼ ଜିଲା ଶିକ୍ଷା ବିଭାଗ ସୂଚନା ମୁତାବକ ଜିଲାରେ ୩୧ଟି ପରୀକ୍ଷା କେନ୍ଦ୍ରରେ ୮୫ଟି ସ୍କୁଲର ୪୩୯୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୩୫୨୪ ଜଣ ପାସ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୭୩୨ ଜଣ ଛାତ୍ରୀ ଓ ୧୮୦୨ ଜଣ ଛାତ୍ର ଅଛନ୍ତି। ଜିଲାରେ ମୋଟ ପାସହାର ୮୦.୨୨ ପ୍ରତିଶତ ରହିଛି। ଗ୍ରେଡ୍ ଏ ୧ରେ ୨, ଏ ୨ରେ ୩୭, ବି ୧ ରେ ୯୫, ବି ୨ ରେ ୨୨୮, ସି ରେ ୪୧୩, ଡ଼ି ରେ ୭୭୫, ଇ ରେ ୧୯୭୪, ଏଫ୍ ରେ ୮୬୮ ଜଣ ପାସ କରିଛନ୍ତି।

## ବୌଦ୍ଧ ଜିଲାର ପାସ୍ ହାର ୭୮.୪୮%

**ବୌଦ୍ଧ, ୨୯।୭(ସ୍ୱ.ପ୍ର.):** ଚଳିତ ବର୍ଷ ବୌଦ୍ଧ ଜିଲାର ୫୫୬୬ ଛାତ୍ରୀଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୩୬୮ଜଣ ପାସ୍ କରିଛନ୍ତି। ପାସ୍ ହାର ରହିଛି ୭୮.୪୮%। ଜିଲାରେ ମାତ୍ର ଦୁଇଜଣ ଛାତ୍ରୀ ଏ ୧ ଗ୍ରେଡ ପାଇଛନ୍ତି। ଏ ୨ ଗ୍ରେଡରେ ୪୬ଜଣ, ବି ୧ ଗ୍ରେଡରେ ୧୨୩ , ବି ୨ ଗ୍ରେଡରେ ୨୪୧, ସି ଗ୍ରେଡରେ ୪୩୪, ଡି ଗ୍ରେଡରେ ୯୦୬, ଇ ଗ୍ରେଡରେ ୨୬୧୬ ଓ ଏଫ ଗ୍ରେଡରେ ୧୧୯୮ ଜଣ ପାସ କରିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରର ପାସ୍ ହାର ଶତ ପ୍ରତିଶତ

**ତରଭା,୨୯।୭(ଡି.ଏନ.ଏ.):** ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ତରଭା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ ସଫଳତା ଅର୍ଜନ କରିଛନ୍ତି। ଏହି ବିଦ୍ୟାଳୟରୁ ୨୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ୍ କରିଛନ୍ତି।

## କଳାହାଣ୍ଡି ସୀମା ସିଲ୍ କଲା ପ୍ରଶାସନ

**କର୍ଲାମୁଣ୍ଡା,୨୯।୭(ଡି.ଏନ୍.ଏ.):** କଳାହାଣ୍ଡି ଜିଲାର ସୀମା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ କଁଅସିଲ ଚେକ୍ ଗେଟ୍ ରାସ୍ତାକୁ ପ୍ରଶାସନ ବୁଧବାର ସିଲ୍ କରିଛି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଏହା ବନ୍ଦ ରହିବ ବୋଲି କର୍ଲାମୁଣ୍ଡା ତହସିଲଦାର ବାସନ୍ତୀ ସେଠ୍ କହିଛନ୍ତି। କରୋନା ପଜିଟିଭ ସଂଖ୍ୟା ଜିଲାରେ ବଢ଼ି ଚାଲିଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି ।

## ସଫଳତା ପରେ ଅସୁମାରୀ ଆଶା

**ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ କୃତୀତ୍ୱର ସହ ପାସ୍ କରି ଜିଲାରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରମାନେ ନିଜର ଲକ୍ଷ୍ୟ ସମ୍ପର୍କରେ ମୁହଁ ଖୋଲିଛନ୍ତି। ସେମାନଙ୍କ ପ୍ରସ୍ତୁତି, ଅନୁଭୂତି ଓ ଆଗାମୀ ଲକ୍ଷ୍ୟକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା...।**

### ବୈଜ୍ଞାନିକ ହେବାର ସ୍ୱପ୍ନ ଦେଖିଛନ୍ତି ବିଜୟ



ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ବିଜୟ କୁମାର ସେନାପତି ୫୪୧ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ବିଜୟଙ୍କ ବାପା ଦାମୋଦର ସେନାପତି ଉକ୍ତ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ମା' ଅନ୍ନପୂର୍ଣ୍ଣା ଜଣେ ଗୃହିଣୀ। ସେ ପ୍ରତିଦିନ ପରୀକ୍ଷା ପାଇଁ ୧୪ରୁ ୧୫ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି କହିଛନ୍ତି। ସେ ସାଇନ୍ସ ପଢ଼ିବେ। ଜଣେ ବୈଜ୍ଞାନିକ ହେବାକୁ ସେ ସ୍ୱପ୍ନ ଦେଖିଛନ୍ତି ବୋଲି ବିଜୟ କହିଛନ୍ତି।

### ଆଇଏଏସ୍ ଅଫିସର ହେବାକୁ ଅର୍ପିତାଙ୍କ ଇଚ୍ଛା



ଦେବଗଡ଼ ଜିଲା ରିଆମାଳ ବ୍ଲକ ବୁଢ଼ାପାଳ ହାଇସ୍କୁଲର ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ପ୍ରଧାନ ୫୫୩ ମାର୍କ(୯୨.୨%) ରଖି ଜିଲା ଟପ୍ପର ହୋଇଛନ୍ତି। ପରୀକ୍ଷା ଫଳ ପ୍ରକାଶ ପରେ ଆଇଏଏସ ହେବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ସ୍କୁଲ ଓ ଟିଉସନ ପାଠ ପଢ଼ାକୁ ଛାଡି ସେ ଦୈନିକ ୮ଘଣ୍ଟା ପରିଶ୍ରମ କରୁଥିଲେ। ଅର୍ପିତା ନିଜ ସଫଳତାର ଶ୍ରେୟ ମା'ସୁକାନ୍ତି ପ୍ରଧାନ, ବାପା ଲଲାଟେନ୍ଦୁ ପ୍ରଧାନ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି।

### ଆରବିଆଇ ଅଧିକାରୀ ହେବେ ଦୀପକ



ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲର ଛାତ୍ର ଦୀପକ ମେହେର ୯୨.୬୭% ନମ୍ବର ରଖି ସୁବର୍ଣ୍ଣପୁର ଜିଲା ଟପ୍ପର ହୋଇଛନ୍ତି। ମୋଟ ୬୦୦ ନମ୍ବରରୁ ସେ ୫୫୬ ନମ୍ବର ରଖିଛନ୍ତି। ଦୈନିକ ୮ ଘଣ୍ଟା ପରିଶ୍ରମ କରୁଥିବା ଦୀପକ ଯୁକ୍ତ ୨ ବାଣିଜ୍ୟ ପଢିବେ। ଭବିଷ୍ୟତରେ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ଚାକିରି କରି ଦେଶ ସେବା କରିବା ତାଙ୍କ ଲକ୍ଷ୍ୟ। ମା'କୁନ୍ତି ମେହେର ଜଣେ ଗୃହିଣୀ ହୋଇଥିବା ବେଳେ ବାପା ସୁଦାମ ଚରଣ ମେହେର ଜଣେ ପ୍ରାଣୀ ଚିକିତ୍ସକ।

### ଦିବ୍ୟଦୀପ୍ତି ହେବେ ପ୍ରଶାସନିକ ଅଧିକାରୀ



ବୌଦ୍ଧ ଜିଲାରେ ଟପ୍ପର ହୋଇଛନ୍ତି ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଦିବ୍ୟଦିପ୍ତୀ ନାୟକ। ସେ ୫୪୫ ମାର୍କ(୯୦.୮%) ରଖିଛନ୍ତି। ଭବିଷ୍ୟତରେ ସେ ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ବୌଦ୍ଧ ସହରର କୋଡାପୋଡା ସାହିରେ ରହୁଥିବା ଦିବ୍ୟଦୀପ୍ତିଙ୍କ ବାପା କୁଥୁଲିମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଛନ୍ତି। ମା'ପ୍ରିୟଦର୍ଶନୀ ନାୟକ ଜଣେ ଗୃହିଣୀ।

### ଡାକ୍ତର ହୋଇ ଲୋକଙ୍କ ସେବା କରିବେ ଅମନ



ପୁଇଁତଲା ବ୍ଲକ ମଲମଣ୍ଡା ଗ୍ରାମ ନିବାସୀ ତଥା ବଲାଙ୍ଗୀର କଦମପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଅମନ କୁମାର ନାଏକ ୫୬୩ ମାର୍କ (୯୩.୮୩%) ରଖି ଜିଲା ଟପ୍ପର ହୋଇଛନ୍ତି। ଏଭଳି ସଫଳତା ପରେ ଅମନ୍ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି। ନିଜ ସଫଳତା ପାଇଁ ବାପା ଆଡଭୋକେଟ୍ ଗୌରଚନ୍ଦ୍ର ନାଏକ, ମା'ଯାମିନୀ ନାଏକ, ଶିଶୁମନ୍ଦିର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି।

### ହର୍ଷିତାଙ୍କ ଡାକ୍ତର ହେବାର ସ୍ୱପ୍ନ



ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ହର୍ଷିତା ଦେହୁରୀ ସମ୍ବଲପୁର ଜିଲା ଟପ୍ପର ହୋଇଛନ୍ତି। ୬୦୦ ମାର୍କରୁ ୫୬୭ ମାର୍କ (୯୪.୫) ରଖି ପାସ କରିଛନ୍ତି। ତାଙ୍କ ସଫଳତା ପାଇଁ ପରିବାର ସଦସ୍ୟ ଓ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହଯୋଗ ରହିଛି ବୋଲି ସେ କହିଛନ୍ତି। ବାପା ଜନକରାମ ଦେହୁରୀ କୃଷି ବିଭାଗର ଜଣେ ଅଧିକାରୀ। ମା'ଜୟଶ୍ରୀ ଗୃହଣୀ। ଲୋକଙ୍କ ସେବା କରିବା ପାଇଁ ସେ ଜଣେ ଭଲ ଡାକ୍ତର ହେବେ ବୋଲି ହର୍ଷିତା କହିଛନ୍ତି।

### ଆଇଏଏସ୍ ଅଫିସର ହେବେ ଅନ୍ୱେଷ



ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ର ଛାତ୍ର ଅନ୍ୱେଷ ସାହୁ ୫୭୩(୯୫.୫ ପ୍ରତିଶତ) ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲର ଶିକ୍ଷୟିତ୍ରୀ ନନ୍ଦିନୀ ପ୍ରଧାନ ଓ ଆଡ଼ଭୋକେଟ୍ ମହେନ୍ଦ୍ର ସାହୁଙ୍କ ଏକମାତ୍ର ପୁଅ ଅନ୍ୱେଷ ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି।

### ବୈଜ୍ଞାନିକ ହେବା ପ୍ରବୀଣଙ୍କ ସ୍ୱପ୍ନ



ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ର ଛାତ୍ର ପ୍ରବୀଣ କୁମାର ସାହୁ ୫୭୩ (୯୫.୫ ପ୍ରତିଶତ) ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ସ୍ଥାନୀୟ ଜର୍ଜ ହାଇସ୍କୁଲର ଶିକ୍ଷକ ଫକୀର ମୋହନ ସାହୁ ଓ ଗୃହିଣୀ କାଦମ୍ବିନୀ ସାହୁଙ୍କ ଏକମାତ୍ର ପୁଅ ପ୍ରବୀଣ ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବା ତାଙ୍କର ଲକ୍ଷ୍ୟ ରହିଛି ବୋଲି କହିଛନ୍ତି।

### ଆଇଏଏସ୍ ଅଫିସର ହେବେ ସୌରଭ



କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହାବସପୁରସ୍ଥିତ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସୌରଭ କୁମାର ୫୪୦(୯୦%) ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସେ ଆଇଏଏସ୍ ଅଫିସର ହେବାକୁ ଆଶା ରଖିଛନ୍ତି। ହାବସପୁର ପଞ୍ଚାୟତ ଅମ୍ବାଦୋଳା ଗାଁର ମନ୍ଧର କୁମାର ଓ ତ୍ରିର୍ଥୋୟା କୁମାରଙ୍କ ପୁଅ। ଏହି ସଫଳତା ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କ ସମେତ ଜିଲାର ବିଭିନ୍ନ ବର୍ଗର ଲୋକେ ସୌରଭଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଡାକ୍ତର ହେବା ଲକ୍ଷ୍ୟରେ ବିଜୟଲକ୍ଷ୍ମୀ



ନୂଆପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ବିଜୟଲକ୍ଷ୍ମୀ ବେହେରା ୫୫୫ ମାର୍କ (୯୨.୦୫%) ରଖି ଜିଲା ଟପ୍ପର ହୋଇଛନ୍ତି। ପରୀକ୍ଷା ପାଇଁ ପ୍ରତିଦିନ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିବା ବିଜୟଲକ୍ଷ୍ମୀ ଜଣେ ଡାକ୍ତର ହେବାକୁ ସ୍ୱପ୍ନ ଦେଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ପରିବାରବର୍ଗଙ୍କ ସହିତ ସ୍କୁଲ ଶିକ୍ଷୟିତ୍ରୀ,ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

